# କାଳିଆ ଯୋଜନା ସମ୍ବନ୍ଧୀୟ ସମ୍ଭାବ୍ୟ ପ୍ରଶ୍ନ ଏବଂ ଉତ୍ତର

୧. 'କାଳିଆ' ଯୋଜନା କଣ ?

ଉତ୍ତର – 'କାଳିଆ' (Kalia – "Krushak Assistance for Livelihood & Income Augmentation") ଯୋଜନାର ଅର୍ଥ ହେଉଛି, -"କୃଷକଙ୍କ ଜୀବିକା ଓ ଆୟବୃଦ୍ଧି ପାଇଁ ସହାୟତା"। ରାଜ୍ୟରେ କୃଷି ସମୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ଦାରିଦ୍ର୍ୟ ହ୍ରାସ ଦିଗରେ ସହାୟ ହେବା ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ଏହି କଲ୍ୟାଣକାରୀ ଯୋଜନା ଆରମ୍ଭ କରାଯାଇଛି।

୨. 'କାଳିଆ' ଯୋଜନାରେ କେଉଁମାନେ ସହାୟତା ପାଇପାରିବେ ?

ଉତ୍ତର- 'କାଳିଆ' ଯୋଜନାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭୂମିହୀନ ଚାଷୀ, କୃଷି ଶ୍ରମିକ, ଭାଗ ଚାଷୀ (ପ୍ରକୃତ ଚାଷୀ) ତଥା ଅସମର୍ଥ କୃଷି ପରିବାର ବିଭିନ୍ନ ସୁବିଧା ଓ ସହାୟତା ପାଇପାରିବେ । ରାଜ୍ୟର ପ୍ରାୟ ୬୦ ଲକ୍ଷ କୃଷି ପରିବାର ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବେ।

୩. କ୍ଷୁଦ୍ର ଓ ନାମମାତ୍ର ଚାଷୀ କାହାକୁ କୁହାଯାଏ ?

ଉତ୍ତର- ଯେଉଁ ଚାଷୀଙ୍କ ଜମିର ପରିମାଣ ଏକ ହେକ୍ଟର ବା ୨.୫ ଏକର କିମ୍ବା ତଦୁର୍ଦ୍ଧ୍ୱ ଓ ଦୁଇ ହେକ୍ଟର ବା ୫ ଏକରରୁ କମ୍, ତାଙ୍କୁ 'କ୍ଷୁଦ୍ରଚାଷୀ' କୁହାଯାଏ। ଯେଉଁ ଚାଷୀଙ୍କ ଜମିର ପରିମାଣ ଏକ ହେକ୍ଟର ବା ୨.୫ ଏକରରୁ କମ୍, ତାଙ୍କୁ ନାମମାତ୍ର ଚାଷୀ କୁହାଯାଏ ।

୪. କାଳିଆ ଯୋଜନାରେ ଚାଷୀମାନଙ୍କ ଚାଷ କାର୍ଯ୍ୟ ପାଇଁ କଣ ସୁବିଧା ଅଛି ?

ଉତ୍ତର – ରାଜ୍ୟର ସମସ୍ତ କ୍ଷୁଦ୍ର ଓ ନାମମାତ୍ର କୃଷକଙ୍କୁ ପ୍ରତି ରବି ଓ ଖରିଫ ଋତୁରେ ଚାଷକାର୍ଯ୍ୟ କରିବା ପାଇଁ ବିହନ, ସାର, କୀଟନାଶକ ଔଷଧ କିଣିବା ସହିତ ମଜୁରି ଓ ଆନୁଷଙ୍ଗିକ ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ ୫ ଗୋଟି ଫସଲଋତୁରେ ମୋଟ୍ ୨୫,୦୦୦ ଟଙ୍କାର ସହାୟତା ପ୍ରଦାନ କରାଯିବ । ଏହି ଯୋଜନା ଚଳିତ ୨୦୧୮-୧୯ ରବି ଋତୁରୁ କାର୍ଯ୍ୟକାରୀ କରାଯାଉଛି ।

୫. ଜଣେ ଭୂମିହୀନ ଚାଷୀ ପରିବାର ପାଇଁ ଏହି ଯୋଜନାରେ କିଛି ସୁବିଧା ଅଛିକି ?

ଉତ୍ତର – ହଁ, ଗ୍ରାମାଞ୍ଚଳର ଭୂମିହୀନ ଚାଷୀ ପରିବାର ପାଇଁ କୃଷିଭିତିକ ଆନୁସଙ୍ଗିକ କାର୍ଯ୍ୟ ଯଥା କ୍ଷୁଦ୍ର ଛେଳିପାଳନ ୟୁନିଟ୍, କ୍ଷୁଦ୍ର କୁକୁଡ଼ା ପାଳନ ୟୁନିଟ୍, ବତକ ପାଳନ ୟୁନିଟ୍, ମତ୍ସ୍ୟଜୀବୀମାନଙ୍କୁ ମାଛଧରା ଉପକରଣ , ଛତୁ ଚାଷ ଓ ମହୁଚାଷ ଇତ୍ୟାଦି ନିମନ୍ତେ ୧୨,୫୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ଅଛି । ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତି ବ୍ୟକ୍ତିମାନଙ୍କ ପାଇଁ ଏହି ଯୋଜନା ବିଶେଷ ଭାବରେ ସହାୟ ହେବ ।

୬. ଚାଷକାର୍ଯ୍ୟ କରିବାକୁ ଅସମର୍ଥ କୃଷି ପରିବାର ନିମନ୍ତେ ଏହି ଯୋଜନାରେ କୌଣସି ସୁବିଧାର ବ୍ୟବସ୍ଥା ଅଛି କି ?

ଉତ୍ତର – ଯେଉଁ କ୍ଷୁଦ୍ର, ନାମମାତ୍ର ତଥା ଭୂମିହୀନ କୃଷି ପରିବାର ଚାଷୀ ବାର୍ଦ୍ଧକ୍ୟ, ଅକ୍ଷମତା କିମ୍ବା ରୋଗ ଦ୍ୱାରା ଆକ୍ରାନ୍ତ ହୋଇ କୃଷି କାର୍ଯ୍ୟ ଓ ଜୀବିକା ଉପାର୍ଜନ କରିବା ନିମନ୍ତେ ଅସମର୍ଥ, ସେମାନଙ୍କ ପରିବାରର ଜୀବିକା ନିର୍ବାହ ପାଇଁ ଏକକାଳୀନ ୧୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ । ପ୍ରତିବର୍ଷ ୫ ଲକ୍ଷ ପରିବାର ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବେ ।

୭. ଚାଷୀ ଏବଂ ଭୂମିହୀନ କୃଷି ଶ୍ରମିକମାନଙ୍କ ପାଇଁ ଜୀବନ ବୀମା ସହାୟତା ଅଛି କି ?

ଉତ୍ତର – ହଁ, ଚାଷୀ ଓ ଭୂମିହୀନ ଚାଷୀଙ୍କ ମୃତ୍ୟୁ ବା ଅକ୍ଷମତା ପରେ ତାଙ୍କର ପରିବାରର ସଦସ୍ୟମାନେ ସମ୍ମୁଖୀନ ହେଉଥିବା ଆର୍ଥିକ ଦୂରାବସ୍ଥା ତଥା ଅନିଶ୍ଚିତତାକୁ ହ୍ରାସ କରିବା ଉଦ୍ଦେଶ୍ୟରେ ଜୀବନବୀମା ସହାୟତାର ବ୍ୟବସ୍ଥା କରାଯାଇଛି । ଏହି ବୀମାର ସୁବିଧା ନିମ୍ନ ପ୍ରକାରେ ପ୍ରଦାନ କରାଯିବ ।

କ) ୧୮ ରୁ ୫୦ ବର୍ଷ ବୟସ ମଧ୍ୟରେ ସମସ୍ତ ସଞ୍ଚୟ ଜମା ଖାତାଧାରୀମାନଙ୍କ ପାଇଁ ବାର୍ଷିକ ୨ ଲକ୍ଷ ଟଙ୍କାର ଜୀବନ ବୀମା ସୁବିଧା କରାଯାଇଛି । ଏଥିପାଇଁ ଧାର୍ଯ୍ୟ ବାର୍ଷିକ ବୀମା ପ୍ରିମିୟମ ଦେୟରୁ ଚାଷୀଙ୍କ ଅଂଶ ବାବଦକୁ ୧୬୫ ଟଙ୍କା ରାଜ୍ୟ ସରକାର ବହନ କରିବେ ।

ଖ) ୧୮ ରୁ ୫୦ ବର୍ଷ ବୟସ ମଧ୍ୟରେ ସମସ୍ତ ସଂଚୟ ଜମାଖାତାଧାରୀମାନଙ୍କ ପାଇଁ ବାର୍ଷିକ ୨ ଲକ୍ଷ ଟଙ୍କାର ବ୍ୟକ୍ତିଗତ ଦୂର୍ଘଟଣା ଜନିତ ବୀମାର ବ୍ୟବସ୍ଥା ଅଛି । ଏଥିପାଇଁ ଧାର୍ଯ୍ୟ ବାର୍ଷିକ ୧୨ ଟଙ୍କା ପ୍ରିମିୟମ ଦେୟରୁ ଚାଷୀଙ୍କ ଅଂଶ ବାବଦକୁ ୬ ଟଙ୍କା ରାଜ୍ୟ ସରକାର ବହନ କରିବେ ।

ଉଲ୍ଲେଖଯୋଗ୍ୟ ଯେ ୫୧ ରୁ ୭୦ ବର୍ଷ ବୟସ ମଧ୍ୟରେ ଥିବା ସଂଚୟ ଜମା ଖାତାଧାରୀମାନଙ୍କୁ ଉପରସ୍ଥ ପ୍ରଦତ୍ତ ବ୍ୟକ୍ତିଗତ ଦୁର୍ଘଟଣା ବୀମା ସୁବିଧା ନିମନ୍ତେ ସମୁଦାୟ ବାର୍ଷିକ ୧୨ ଟଙ୍କା ପ୍ରିମିୟମ ଦେୟକୁ ରାଜ୍ୟ ସରକାର ବହନ କରିବେ ।

୮. କାଳିଆ ଯୋଜନାରେ ଫସଲ ଋଣ ବିନା ସୁଧରେ ଦେବାର ବ୍ୟବସ୍ଥା ଅଛି କି ?

ଉତ୍ତର – ହଁ, ଖରିଫ ୨୦୧୯ ବର୍ଷ ଠାରୁ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ବିନା ସୁଧରେ ପ୍ରଦାନ କରାଯିବା ପାଇଁ କାଳିଆ ଯୋଜନାରେ ବ୍ୟବସ୍ଥା କରାଯାଇଛି ।

୯. କାଳିଆ ଯୋଜନାରେ କେଉଁ ସହାୟତା କେଉଁ ବର୍ଗର ଚାଷୀ ପାଇବେ ?

ଉତ୍ତର – କ) ରାଜ୍ୟର କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନଙ୍କୁ ଚାଷ କାର୍ଯ୍ୟ ପାଇଁ ମୋଟ ୨୫,୦୦୦ ଟଙ୍କାର ସହାୟତା ରାଶି ୫ ଗୋଟି ଫସଲ ଋତୁରେ ୨୦୧୮-୧୯ ରବି ଋତୁ ଠାରୁ ୫ଟି କିସ୍ତିରେ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି ।

ଖ) ଭୂମିହୀନ କୃଷି ପରିବାର ଶ୍ରମିକମାନେ କାଳିଆ ଯୋଜନାର ଜୀବିକା ନିର୍ବାହ ସହାୟତାରେ ଆନୁସଙ୍ଗିକ କୃଷି କାର୍ଯ୍ୟ ପାଇଁ ୧୨,୫୦୦ ଟଙ୍କା ପାଇବେ ।

ଗ) ଯେଉଁ କ୍ଷୁଦ୍ର ଚାଷୀ, ନାମମାତ୍ର ଚାଷୀ ତଥା କୃଷି ପରିବାରର ଚାଷୀ ବାର୍ଦ୍ଧକ୍ୟ, ଅକ୍ଷମତା କିମ୍ବା ରୋଗ ଦ୍ୱାରା ଆକ୍ରାନ୍ତ ହୋଇ କୃଷି କାର୍ଯ୍ୟ ଓ ଜୀବିକା ଉପାର୍ଜନ କରିବା ନିମନ୍ତେ ଅସମର୍ଥ ସେମାନଙ୍କ ପରିବାରର ଜୀବିକା ନିର୍ବାହ ପାଇଁ କାଳିଆ ଯୋଜନାରେ ଏକକାଳୀନ ୧୦,୦୦୦ ଟଙ୍କାର ଆର୍ଥିକ ସହାୟତା ପାଇପାରିବେ ।

ଉପରୋକ୍ତ ତିନୋଟି ଆର୍ଥିକ ସହାୟତା ମଧ୍ୟରୁ ଜଣେ ହିତାଧିକାରୀ ଯୋଗ୍ୟତା ଭିତିରେ ମାତ୍ର ଗୋଟିଏ ସହାୟତା ପାଇବାକୁ ସମର୍ଥ ହେବେ ।

କାଳିଆ ଯୋଜନାରେ ଚାଷୀ ଏବଂ ଭୂମିହୀନ କୃଷି ଶ୍ରମିକମାନଙ୍କ ନିମନ୍ତେ ଜୀବନବୀମା ତଥା ଦୁର୍ଘଟଣା ଜନିତ ବୀମା ସହାୟତା ସହ ସୁଧବିହିନ ଫସଲ ଋଣ ନେଉଥିବା ଚାଷୀମାନଙ୍କୁ ସମସ୍ତ ସହାୟତା ଯୋଗାଇ ଦିଆଯିବ।

**୧୦. କୃଷି ପରିବାର କହିଲେ କଣ ବୁଝାଏ ?**

ଉତ୍ତର – ଗୋଟିଏ କୃଷି ପରିବାର କହିଲେ କୃଷକ ତାଙ୍କର ସ୍ତ୍ରୀ ବା ସ୍ୱାମୀ ଏବଂ ତାଙ୍କ ଉପରେ ନିର୍ଭରଶୀଳ ସନ୍ତାନ ସନ୍ତତିଙ୍କୁ ବୁଝାଇଥାଏ ।

**୧୧. ଜଣେ ସରକାରୀ ବା ସରକାରୀ ଉଦ୍ୟୋଗରେ କାର୍ଯ୍ୟରତ ଅଥବା ଅବସରପ୍ରାପ୍ତ କର୍ମଚାରୀ ଏହି ଯୋଜନାର ସୁବିଧା ପାଇବେ କି ?**

ଉତ୍ତର – ଜଣେ କାର୍ଯ୍ୟରତ ବା ଅବସରପ୍ରାପ୍ତ କେନ୍ଦ୍ର / ରାଜ୍ୟ କିମ୍ବା ସରକାରୀ ଉଦ୍ୟୋଗର କର୍ମଚାରୀ ଏହି ଯୋଜନାରେ ମିଳୁଥିବା ସୁବିଧା ପାଇବାରୁ ବାଦ୍ ପଡ଼ିବେ।

**୧୨. ଜଣେ ଆୟକର ଦେଉଥିବା କୃଷକ ବା ତାଙ୍କର ସ୍ୱାମୀ କିମ୍ବା ସ୍ତ୍ରୀ ଏହି ଯୋଜନାରେ ମିଳୁଥିବା ସୁବିଧା ପାଇବାକୁ ଯୋଗ୍ୟ ହେବେ କି ?**

ଉତ୍ତର – ଏହି ଶ୍ରେଣୀର କୃଷକମାନେ କାଳିଆ ଯୋଜନାର ସହାୟତା ପାଇବା ପାଇଁ ଯୋଗ୍ୟ ହେବେ ନାହିଁ । ଚିଠା ତାଲିକାରୁ ସେମାନଙ୍କର ନାମ ବାଦ୍ ଦିଆଯିବ।

**୧୩. ଜଣେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କର ନାମ ହିତାଧିକାରୀ ତାଲିକାରେ ଅଛି ନା ନାହିଁ ତାହା ସେ କିପରି ଜାଣିବେ ?**

ଉତ୍ତର – ପ୍ରତି ଗ୍ରାମ ପଞ୍ଚାୟତ ଏବଂ ପ୍ରାଥମିକ କୃଷି ସମବାୟ ସମିତି (Primary Agricultural Cooperative Societies-PACS) ମାଧ୍ୟମରେ ୩ଟି ପର୍ଯ୍ୟାୟରେ ହିତାଧିକାରୀ ଚାଷୀମାନଙ୍କ ଚିଠା ତାଲିକା ପ୍ରକାଶିତ ହେବ । ୨୦୧୯ ମସିହା ଜାନୁଆରୀ ମାସ ପ୍ରଥମ ସପ୍ତାହ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ହିତାଧିକାରୀ ଚାଷୀମାନଙ୍କ ଚିଠା ତାଲିକା ପ୍ରକାଶ କରାଯିବ। ପ୍ରାଥମିକ କୃଷି ସମବାୟ ସମିତି ଏବଂ ଗ୍ରାମପଂଚାୟତ କାର୍ଯ୍ୟାଳୟରେ ହିତାଧିକାରୀମାନେ ନିଜ ନିଜର ନାମ ଏହି ତାଲିକାରେ ଅନ୍ତର୍ଭୁକ୍ତ ହୋଇଛି କି ନାହିଁ, ତାହା ଦେଖିପାରିବେ । ସେହିଭଳି ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟ ହିତାଧିକାରୀ ଚାଷୀମାନଙ୍କ ଚିଠା ତାଲିକା ଯଥାକ୍ରମେ ୨୦୧୯ ମସିହା ଫେବୃୟାରୀ ଓ ମାର୍ଚ୍ଚ ମାସରେ ପ୍ରକାଶ ପାଇବ ।

**୧୪. ଯଦି ଚିଠା ତାଲିକାରେ ଯୋଗ୍ୟ ହିତାଧିକାରୀମାନଙ୍କ ନାମ ନଥିବ ତେବେ ସେ କଣ ପଦକ୍ଷେପ ନେବେ ?**

ଉତ୍ତର – ଯଦି ହିତାଧିକାରୀଙ୍କ ନାମ ଚିଠା ତାଲିକାରେ ନଥିବ ତେବେ ନିଜ ନାମକୁ ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ଗ୍ରାମପଂଚାୟତ ଓ ପ୍ରାଥମିକ କୃଷି ସମବାୟ ସମିତି (PACS)ରେ ମିଳୁଥିବା ସବୁଜ ଫର୍ମ ପୂରଣ କରି PACSରେ ଥିବା ଡ୍ରପବକ୍ସରେ ଏହି ଫର୍ମକୁ ପକାଇବେ ।

**୧୫. ହିତାଧିକାରୀ ଚିଠା ତାଲିକାରେ ଯଦି ଜଣେ କେନ୍ଦ୍ର ବା ରାଜ୍ୟ ବା ସରକାରୀ ଉଦ୍ୟୋଗରେ କାର୍ଯ୍ୟରତ କିମ୍ବା ଅବସରପ୍ରାପ୍ତ କର୍ମଚାରୀଙ୍କ ନାମ ଏବଂ ଆୟକର ଦେଉଥିବା ଚାଷୀ କିମ୍ବା ତାଙ୍କର ସ୍ୱାମୀ ଅଥବା ସ୍ତ୍ରୀଙ୍କ ନାମ ରହିଥିବ, ତେବେ ସେ ଚିଠା ତାଲିକାରୁ ନାମ ବାଦ୍ ଦେବାପାଇଁ କଣ ପଦକ୍ଷେପ ନେବେ ?**

ଉତ୍ତର – ଗ୍ରାମ ପଂଚାୟତ ଅଫିସ୍ କିମ୍ବା ପ୍ରାଥମିକ କୃଷି ସମବାୟ ସମିତି (PACS)ରେ ମିଳୁଥିବା **ନାଲି ଫର୍ମକୁ** ପୂରଣ କରି ନିଜ ନାମକୁ ଚିଠା ତାଲିକାରୁ ବାଦ୍ ଦେବା ପାଇଁ PACSରେ ରଖାଯାଇଥିବା **ଡ୍ରପ୍ ବାକ୍ସରେ** ସେମାନେ ଏହି ଫର୍ମକୁ ପକାଇବେ ।

**୧୬. ୨୦୧୮-୧୯ ରବି ଋତୁ ଠାରୁ କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ଏହି ଯୋଜନାରେ ଚାଷ କାର୍ଯ୍ୟ ପାଇଁ ସହାୟତା ପାଇ ପାରିବେ କି ?**

ଉତ୍ତର – ହଁ, ଏହି ଯୋଜନାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ୨୦୧୮-୧୯ ରବି ଋତୁରୁ ଚାଷ କାର୍ଯ୍ୟ ପାଇଁ ଆର୍ଥିକ ସହାୟତା ପାଇବେ ।

**୧୭. ଚାଷୀମାନଙ୍କୁ ଚାଷ ପାଇଁ ସହାୟତା ଯୋଜନାରେ ଦିଆଯାଉଥିବା ଆର୍ଥିକ ସହାୟତା କିପରି ଭାବରେ ସେମାନଙ୍କୁ ପ୍ରଦାନ କରାଯିବ ?**

ଉତ୍ତର – ଏହି ଯୋଜନାର ସହାୟତା ରାଶି କୃଷି ପରିବାର ନାମରେ ଥିବା ଚାଷୀଙ୍କ ଜମା ଖାତାକୁ ସିଧାସଳଖ ପଠାଇ ଦିଆଯିବ ।

**୧୮. 'କାଳିଆ' ଯୋଜନା ବିଷୟରେ ଚାଷୀମାନେ କିପରି ସୂଚନା ପାଇବେ ଏବଂ ଅଭିଯୋଗ ପଞ୍ଜିକରଣ କରିପାରିବେ ? ଏଥିପାଇଁ କୌଣସି ହେଲପ୍‌ଲାଇନ ବ୍ୟବସ୍ଥା ଅଛି କି ?**

ଉତ୍ତର – ହଁ, 'କାଳିଆ ହେଲ୍‌ପଲାଇନ୍' ନାମରେ ଏକ ହେଲ୍‌ପଲାଇନ୍ ନିମ୍ନ ପ୍ରଦତ୍ତ ଟେଲିଫୋନ ନମ୍ବରରେ ସଂଯୋଗ କରାଯାଇଛି । ଜଣେ ଚାଷୀ ଏହି ହେଲ୍‌ପଲାଇନ୍‌ରେ ଫୋନ୍ କରି 'କାଳିଆ' ଯୋଜନା ସମ୍ବନ୍ଧରେ ସୂଚନା ପାଇପାରିବେ । ସେ ମଧ୍ୟ ଏହି ହେଲ୍‌ପଲାଇନରେ ନିଜର ଅଭିଯୋଗକୁ ପଞ୍ଜିକରଣ କରିପାରିବେ । ଏହି ଫୋନ ନମ୍ବରଟି ହେଉଛି – **୧୮୦୦୫୭୨୧୧୨୨ ।**

**୧୯. କାଳିଆ ବାର୍ତ୍ତା କ'ଣ ?**

ଉତ୍ତର - "କାଳିଆ ବାର୍ତ୍ତା" ହେଉଛି ରାଜ୍ୟ ସରକାରଙ୍କ ଦ୍ୱାରା ସୂଚନା ସେବାର ଏକ ବ୍ୟବସ୍ଥା, ଏହା କାଳିଆ ଯୋଜନା ସମ୍ବନ୍ଧୀୟ ସମସ୍ତ ତଥ୍ୟ ଚାଷୀମାନଙ୍କୁ ପ୍ରଦାନ କରିବାରେ ସହାୟ ହେବ। କୌଣସି ବ୍ୟକ୍ତି ବିଶେଷ ଯଦି କାଳିଆ ଯୋଜନା ସମ୍ବନ୍ଧରେ ଜାଣିବାକୁ ଚାହିଁବେ ତେବେ ଟେଲିଫୋନ ନମ୍ବର **୦୮୦୬୧୧୭୪୨୨୨**କୁ ଏକ ମିସ୍ କଲ କରି 'କାଳିଆ ବାର୍ତ୍ତା'ରେ ତାଙ୍କ ନାମ ପଞ୍ଜିକରଣ କରିବେ। ମିସ୍ କଲ ଦେଲା ପରେ ଆପେ ଆପେ ସରକାରଙ୍କ ପାଖରେ ତାଙ୍କ ନାମ ପଞ୍ଜିକୃତ ହୋଇଯିବ। ପରବର୍ତ୍ତୀ ସମୟରେ 'କାଳିଆ' ଯୋଜନାର ସମସ୍ତ ତଥ୍ୟ ତାଙ୍କ ମୋବାଇଲ ଫୋନ୍‌ନମ୍ବରକୁ ଏସ୍.ଏମ୍.ଏସ୍. ଏବଂ ଭଏସ୍ କଲ ମାଧ୍ୟମରେ ପଠାଯିବ।

**୨୦. ହ୍ୱାଟ୍‌ସ ଆପ୍ ମାଧ୍ୟମରେ ଜଣେ ଚାଷୀ ସୂଚନା ପାଇ ପାରିବେ କି ?**

ଉତ୍ତର – ହଁ, ହ୍ୱାଟ୍‌ସ ଆପ୍ ମାଧ୍ୟମରେ ମଧ୍ୟ ଜଣେ ଚାଷୀ ସୂଚନା ପାଇ ପାରିବେ । ଏଥିପାଇଁ କାଳିଆ ୱେବସାଇଟରେ ଚାଷୀ ତାଙ୍କର ମୋବାଇଲ ଫୋନ ନମ୍ବରଟି ପଞ୍ଜିକରଣ କରିବା ଆବଶ୍ୟକ। ଏହି ୱେବସାଇଟ୍ ହେଉଛି **www.kalia.co.in** । ଜଣେ ଚାଷୀ ଏହି ୱେବ୍‌ସାଇଟକୁ ଯାଇ କାଳିଆ ଯୋଜନା ସମ୍ବନ୍ଧରେ ଅଧିକ କିଛି ଜାଣିବାକୁ ସକ୍ଷମ ହେବେ । ଏହି ପ୍ରକ୍ରିୟା ୨୦୧୯ ମସିହା ଜାନୁୟାରୀ ମାସ ୪ ତାରିଖରୁ କାର୍ଯ୍ୟକାରୀ ହେବ।

**୨୧. କାଳିଆ ଯୋଜନା ସମ୍ବନ୍ଧରେ ସଚେତନତା ଏବଂ ସହାୟତା ବଂଟନ ପାଇଁ କିଛି ସ୍ୱତନ୍ତ୍ର କ୍ୟାମ୍ପ ଆୟୋଜନର ବ୍ୟବସ୍ଥା ଅଛି କି ?**

ଉତ୍ତର – ହଁ, ଗ୍ରାମପଞ୍ଚାୟତ ସ୍ତରରେ ୨୦୧୯ ଜାନୁଆରୀ ୧୫ ରୁ ୨୦ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁଥିବା 'ପିଠା' କାର୍ଯ୍ୟକ୍ରମ ମାଧ୍ୟମରେ କାଳିଆ ଯୋଜନା ସମ୍ପର୍କରେ ଚାଷୀ ଭାଇମାନଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯିବ । ଏହି "ପିଠା" କାର୍ଯ୍ୟକ୍ରମ ୨୦୧୯ ଫେବୃୟାରୀ ୧୫ ରୁ ୨୦ ଏବଂ ମାର୍ଚ୍ଚ ୧୫ ରୁ ୨୦ ତାରିଖ ମଧରେ ମଧ୍ୟ ଅନୁଷ୍ଠିତ ହେବ । "ପିଠା" କାର୍ଯ୍ୟକ୍ରମ ସମୟରେ କ୍ଷୁଦ୍ର ଓ ନାମମାତ୍ର ଯୋଗ୍ୟ ଚାଷୀମାନଙ୍କୁ ଚାଷ କାର୍ଯ୍ୟ ପାଇଁ ଆର୍ଥିକ ସହାୟତାର ଚିଠି ହସ୍ତାନ୍ତର କରାଯିବ ।